## ସଂକ୍ଷେପରେ

### ଜିଲାପାଳଙ୍କୁ ସରପଞ୍ଚଙ୍କ ଅଭିଯୋଗ

**ଛେଣ୍ଡିପଦା,୧୫।୩(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତର ନୂଆ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ନାହିଁ। ଏ ନେଇ ନବ ନିର୍ବାଚିତ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗିରିଶ ଅଭିଯୋଗ କରିଛନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାଙ୍କୁ କ୍ୟାଶ ବୁକ୍, ପାସ୍ ବୁକ, ଜଏନ କରିବା ରେଜିଷ୍ଟର ତଥା ଅନ୍ୟ ରେଜିଷ୍ଟରରେ ଦସ୍ତଖତ କରିବାକୁ ଦେଉନାହାନ୍ତି। ଏଥିରେ ସେ ନିରାଶ ହୋଇ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଡିଓ ଫୋନ୍ କରିଥିଲେ ମଧ ପଞ୍ଚାୟତ ନିର୍ବାହୀ ଅଧିକାରୀ ଫୋନ ଉଠାଇ ନ ଥିଲେ। ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ଗିରିଶ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାମଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ,୧୫।୩:** ୬୩ ନଂ ରାଜ୍ୟ ରାଜପଥର ଅନୁଗୋଳ ଟାଉନ ଥାନା ଭଣ୍ଡୁବରଠାରେ ମଙ୍ଗଳବାର ଏକ ଟିପ୍ପର ଧକ୍କାରେ ସାଇକେଲ ଆରୋହୀ ରାଣୀଗୋଡା ଗ୍ରାମର ଦିଲୀପ ପଟ୍ଟନାୟକ(୪୨)ଙ୍କ ମୃତ୍ୟୁ ହୋଇଛି। ଅପରାହ୍ନରେ କୁମଣ୍ଡ ପଞ୍ଚାୟତର ଭଣ୍ଡୁଭର ଅଞ୍ଚଳକୁ ରଡ଼ ବାଇଡିଙ୍ଗ କରିବା ପାଇଁ ଦିଲୀପ ଯାଉଥିବାବେଳେ ଅନୁଗୋଳରୁ ଛେଣ୍ଡିପଦା ଆଡ଼କୁ ଯାଉଥିବା ଏକ ଟିପ୍ପର (ନଂ.ଓଆର୦୯ଜି-୬୩୧୬) ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ୩ ଗାଡି ଜବତ, ୫ ଗିରଫ

**ପବିତ୍ରନଗର,୧୫।୩(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ପୋଲିସ ବାଲି ଚୋରା ଚାଲାଣ ଉପରେ ଚଢ଼ାଉ କରି ୨ ଦିନରେ ୩ଟି ଟ୍ରାକ୍ଟର ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରିଛି। ସୋମବାର ୨ଟି ଟ୍ରାକ୍ଟର ଜବତ କରିବା ସହିତ ନମ୍ବର ୮୪/୨୨ରେ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କୁଲେଇ ଗ୍ରାମର ପ୍ରଶାନ୍ତ ଦାସ, ରିଙ୍କୁ ଗୋପ ଓ ଦେବଗଡ଼ ଜିଲା ରିଆମାଳ ଅଞ୍ଚଳର ଚେମାର ମାଝି। ସେହିପରି ମଙ୍ଗଳବାର ଗୋଟିଏ ଟ୍ରାକ୍ଟର ଜବତ କରାଯାଇ ନମ୍ବର ୮୫/୨୨ରେ ମାମଲାରେ ବଲାଙ୍ଗି ଗ୍ରାମର ଦୁର୍ଯ୍ୟୋଧନ ଭୋଇ ଓ ରୁତୁଭୂଇଁ ଗ୍ରାମର ରବୀନ୍ଦ୍ର କୁମାର ନାୟକଙ୍କୁ ଗିରଫ କରିଛି।

### ଅଗ୍ନିକାଣ୍ଡ: ଜଳିଗଲା ଘର

**ପରଜଙ୍ଗ,୧୫।୩(ଡି.ଏନ.ଏ):** ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତ ସରକିଶୋରପାଳ ଗ୍ରାମର ହରିଜନ ବସ୍ତିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି କୁବେର ନାଏକଙ୍କ ଘର ପୋଡ଼ିଯାଇଛି। ଏଥିସହିତ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ ଆଦି ନଷ୍ଟ ହୋଇଯାଇଥିବା କୁବେର ଅଭିଯୋଗ କରିଛନ୍ତି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲାବେଳକୁ ସବୁକିଛି ଛାରଖାର ହୋଇଯାଇଥିଲା। ନିକଟସ୍ଥ ଜଙ୍ଗଲରୁ ନିଆଁ ବ୍ୟାପି କୁବେରଙ୍କ ଘରେ ଲାଗିଯାଇଥିଲା।

### ବାଲିଘାଟରେ ଚଢ଼ାଉ, ୪ ଟ୍ରାକ୍ଟର ଜବତ

**ପରଜଙ୍ଗ,୧୫।୩(ଡି.ଏନ.ଏ):** ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କନ୍ଦରସିଙ୍ଗା ପାଳସାହି ବାଲିଘାଟରୁ ବେଆଇନ ବାଲି ଚାଲାଣ ହେଉଥିବାବେଳେ ତହସିଲଦାର ଚଢାଉ କରି ୪ଟି ଟ୍ରାକ୍ଟର ଜବତ କରିଛନ୍ତି। ଜବତ ଗାଡ଼ିରୁ ୫୬,୪୮୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ଖଇରପଶି ବ୍ରାହ୍ମଣୀ ନଦୀ ବାଲି ଘାଟରୁ ପ୍ରତିଦିନ ଚୋରା ବାଲି ଚାଲାଣ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ତହସିଲ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ନେତାଙ୍କ ସହ ଘର ଘର ବୁଲୁଛନ୍ତି ପ୍ରାର୍ଥୀ

## ଜୋର୍ ଧରିଲାଣି ପୌର ନିର୍ବାଚନ ପ୍ରଚାର

**ଢେଙ୍କାନାଳ ଅଫିସ,୧୫।୩**

ଆସନ୍ତା ୨୪ ତାରିଖରେ ହେବ ଭୋଟଗ୍ରହଣ। ତେଣୁ ହାତରେ ଆଉ ଅଧିକ ଦିନ ନ ଥିବାରୁ ଢେଙ୍କାନାଳ ପୌରାଞ୍ଚଳରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଜୋର୍ଧରିଛି। ନେତାମାନଙ୍କ ସହ ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ମାଗୁଥିବା ଦେଖାଯାଉଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନରୁ ମଧ୍ୟାହ୍ନ ଯାଏ ଏବଂ ଅପରାହ୍ନ ୩ଟା ପରେ ୱାର୍ଡ ବୁଲି ଭୋଟରଙ୍କୁ ଭେଟିବା କାର୍ଯ୍ୟ ଜାରି ରହିଛି। ବିଶେଷକରି ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ କିପରି ଅଧିକରୁ ଅଧିକ ସମର୍ଥନ ପାଇବେ, ସେ ନେଇ ଉଦ୍ୟମ ଜାରି ରଖିଛନ୍ତି।

ସୋମବାର ସନ୍ଧ୍ୟାରେ ପୌରାଞ୍ଚଳର ୧୭ନଂ, ମଙ୍ଗଳବାର ଅପରାହ୍ନ ୪ଟାରେ ୩ନଂ, ୪ନଂ ଓ ୫ନଂ ୱାର୍ଡରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ନଗରପାଳ ଓ କାଉନସିଲର ପ୍ରାର୍ଥୀମାନଙ୍କ ପାଇଁ ୱାର୍ଡରେ ବୁଲି ବୁଲି ପ୍ରଚାର କରୁଥିବା ଦେଖାଯାଇଛି। ବିଜେଡି ନଗରପାଳ ପ୍ରାର୍ଥୀ ଅନିମା ନାୟକ, ୩ନଂ ୱାର୍ଡ କାଉନସିଲର ପ୍ରାର୍ଥୀ ଅଭିମନ୍ୟୁ ପଣ୍ଡା, ୪ନଂ ୱାର୍ଡ ପ୍ରାର୍ଥୀ ଲିପିକା ଦାସ, ୫ନଂ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର କୁଅଁର ପ୍ରମୁଖ ପ୍ରଚାରରେ ଯାଇଥିଲେ। ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଶ୍ରୀକାନ୍ତ ଧଳ ଓ ରଞ୍ଜନ ନାୟକ ପ୍ରମୁଖ


ବିଜେଡି ପ୍ରାର୍ଥୀମାନଙ୍କ ସହ ବିଧାୟକ ୱାର୍ଡ ବୁଲି ନିର୍ବାଚନ ପ୍ରଚାର କରୁଛନ୍ତି।

ଦଳୀୟ ନେତୃବୃନ୍ଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି ଭାଜପା ନେତୃବୃନ୍ଦ ଓ ପ୍ରାର୍ଥୀମାନେ ଏକ ନିଆରା ଢଙ୍ଗରେ ସୋମବାର ସନ୍ଧ୍ୟାରେ ବାଜିଚୌକଠାରୁ ଗଣେଶ ବଜାର ପର୍ଯ୍ୟନ୍ତ ବୁଲି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନୀ ଏବଂ ଅଞ୍ଚଳବାସୀଙ୍କୁ ଭୋଟ ମାଗୁଥିବା ଦେଖାଯାଇଥିଲା। ଭାଜପା ନଗରପାଳ ପ୍ରାର୍ଥୀ ଜୟନ୍ତୀ ପାତ୍ରଙ୍କ ସମେତ ଦଳୀୟ କାଉନସିଲର ପ୍ରାର୍ଥୀ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ମାତୃପ୍ରସାଦ ନନ୍ଦ ଓ ସନ୍ତୋଷ ରାଉତ ପ୍ରମୁଖ ପ୍ରଚାର କରୁଛନ୍ତି। ମଙ୍ଗଳବାର ଭାଜପା ପକ୍ଷରୁ ୫ନଂ ୱାର୍ଡ ବସ୍ଷ୍ଟାଣ୍ଡଠାରୁ ପ୍ରମୁଖ ରାସ୍ତାରେ ୧ନଂ ୱାର୍ଡ କଲେଜ ବାଇପାସ ପର୍ଯ୍ୟନ୍ତ ପ୍ରଚାର କରାଯାଇଥିଲା। ଏଥିରେ ଦଳୀୟ ନଗରପାଳ ପ୍ରାର୍ଥୀଙ୍କ ସହ ୫ନଂ ୱାର୍ଡ ପ୍ରାର୍ଥୀ ରୁଦ୍ର ନାରାୟଣ ତ୍ରିପାଠୀ, ୪ନଂ ୱାର୍ଡ ପ୍ରାର୍ଥୀ ରତ୍ନପ୍ରଭା ଆଏଚ, ୩ନଂ ୱାର୍ଡ ପ୍ରାର୍ଥୀ ଜ୍ଞାନଚାନ୍ଦ ମିଶ୍ର, ୨ନଂ ୱାର୍ଡ ପ୍ରାର୍ଥୀ ବିନୋଦ ବିହାରୀ ମଲ୍ଲିକ ଓ ୧ନଂ ୱାର୍ଡ ପ୍ରାର୍ଥୀ ବଳରାମ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ପକ୍ଷରୁ ସୋମବାର ୧ନଂ ଓ ୧୯ନଂ ୱାର୍ଡ, ମଙ୍ଗଳବାର ୨ନଂ, ୭ନଂ, ୧୬ନଂ ଓ ୧୭ନଂ ୱାର୍ଡ ଆଦିରେ ପ୍ରଚାର କରାଯାଇଥିଲା। ଦଳର ନଗରପାଳ ପ୍ରାର୍ଥୀ ସ୍ମିତାରାଣୀ ସାମଲ ନିଜ ସମର୍ଥକଙ୍କ ଗହଣରେ ପ୍ରଚାର କରୁଛନ୍ତି। ସୋମବାର ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ ଦଳୀୟ ପ୍ରାର୍ଥୀମାନଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ।


ଭାଜପା ନଗରପାଳ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର।


କଂଗ୍ରେସ ନଗରପାଳ ପ୍ରାର୍ଥୀଙ୍କ ପ୍ରଚାର।

## ମୁନା ସଭାପତି, ବିନୋଦ ସାଧାରଣ ସମ୍ପାଦକ

**ବଅଁରପାଳ,୧୫।୩(ଡି.ଏନ.ଏ)**

ନାଲ୍କୋ ଆଲୁମିନିୟମ ମଜଦୁର୍ ସଂଘର ନୂତନ କର୍ମକର୍ତ୍ତା ମଙ୍ଗଳବାର ଚୟନ ହୋଇଛି। ଏହି ଅବସରରେ ନାଲ୍କୋ କଲୋନୀ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ବିଏମ୍ଏସ୍ର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗ ଦେଇଥିଲେ। ରମେଶ ଚନ୍ଦ୍ର ବେହେରାଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ସେହିପରି ସଭାପତି ଭାବେ ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ସାହୁ, ନୀଳକାନ୍ତ ମହାରଣା, କୈଳାସ ଚନ୍ଦ୍ର ବେହେରାଙ୍କୁ





ଚୟନ କରାଯାଇଥିଲା। ଏଥିସହ ୮ ଜଣଙ୍କୁ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା। ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଦିବ୍ୟଦର୍ଶୀ ବେହେରା, ନେହେରୁ ସାହୁ, ସାଙ୍ଗଠନିକ ସମ୍ପାଦକ ଗୋପାଳ କୃଷ୍ଣ ମଲ୍ଲିକ, ପ୍ରଭାତ ଗଡନାୟକ, କାର୍ଯ୍ୟାଳୟ ସମ୍ପାଦକ ନରେନ୍ଦ୍ର ନାଥ, ଦିଗ ମୁଣ୍ଡା ଓ ପବିତ୍ର ମୋହନ ସାହୁଙ୍କୁ ଚୟନ କରାଯାଇଛି। ସେହିପରି କୋଷାଧ୍ୟକ୍ଷ ଖଗେଶ୍ୱର ଭୂଞିଆ, ସହ କୋଷାଧ୍ୟକ୍ଷ ଭାବେ ସୁଦର୍ଶନ ରାଉତ ଚୟନ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ରାଜ୍ୟ ବିଏମଏସ୍ ସମ୍ପାଦକ ବିନୟ ତ୍ରିପାଠୀ ଯୋଗ ଦେଇଥିଲେ।

## ମିନି ଷ୍ଟାଡିୟମରେ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳରେ ୮୭ତମ ଓଡ଼ିଶା ଦିବସ ପାଳନ ପାଇଁ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ ଓଡ଼ିଶା ଦିବସ ସମାରୋହକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସକାଳ ୫ଟାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବ। ସକାଳ ସାଢେ ୬ଟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି କରାଯିବ। ପୂର୍ବାହ୍ନ ୮ଟାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସାଢେ ୮ଟାରେ ଜିଲା କାର୍ଯ୍ୟାଳୟରୁ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ବାହାରି ବାଜିଚୌକ ପର୍ଯ୍ୟନ୍ତ ଯିବ । ସେଠାରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟା ସାଢେ ୬ଟାରେ ମିନି ଷ୍ଟାଡିୟମଠାରେ ସାଧାରଣ ସଭାରେ ବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିନିମନ୍ତେ ଦୁଇଟି ସ୍ଥାନୀୟ ସାଂସ୍କୃତିକ ଦଳ, ଜିଲାର ପ୍ରତ୍ୟେକ ବ୍ଲକରୁ ଗୋଟିଏ ଲେଖାଏ ଦଳ ଓ ଭୁବନେଶ୍ୱରର ଦୁଇଟି ସାଂସ୍କୃତିକ ଦଳ ଯୋଗଦେବେ। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଅତିରିକ୍ତ ଏସ୍ପି ଶିଶୁରଞ୍ଜନ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା, ସଂଯୋଜକ ଅବନୀ କୁମାର ମିଶ୍ର, ଓଡ଼ିଶା ସଙ୍ଗୀତ ଏକାଡେମୀର ସାଧାରଣ ପରିଷଦ ସଭ୍ୟ ଭଗବାନ ଗୁରୁଙ୍କ ସମେତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆଚାର୍ଯ୍ୟ ହରିହର, ରାଧାମୋହନଙ୍କ ପୁଣ୍ୟତିଥି

**ଅନୁଗୋଳ ଅଫିସ,୧୫।୩**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟୀର ମଧ୍ୟରେ ଆଚାର୍ଯ୍ୟ ହରିହର ଦାସ ଏବଂ କବି ରାଧାମୋହନ ଗଡ଼ନାୟକଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରାଧାପକ ବିଶ୍ୱରଞ୍ଜନ ପ୍ରଧାନ, ଅଧାପକ ପ୍ରସନ୍ନ କୁମାର ଦାସ, ଶିକ୍ଷକ ଶଙ୍କର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ଅନନ୍ତ କୁମାର ନାୟକ, ଗାୟତ୍ରୀ ଗଡ଼ନାୟକ, ସୁଚିତ୍ରା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ଜାତୀୟ ସେବା ଯୋଜନା ୟୁନିଟ୍ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ସୁସ୍ଥ ସମାଜ ଗଠନ ଓ ଏହାର ବିକାଶରେ ନେତୃତ୍ୱର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ରମେଶଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧକ୍ଷ ରଣଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା କାର୍ଯ୍ୟକ୍ରମ ସଂଯୋଜକ ଡ. ଦେବରାଜ ପରିଡା ବିବରଣୀ ପାଠ କରିଥିଲେ। ବିଷୟ ବିଶାରଦ ଭାବେ ଡ. ରମେଶଚନ୍ଦ୍ର ବେହେରା, ଡ. ମହମ୍ମଦ ଇମ୍ରାନ ଅଲ୍ଲୀ, ନିରଦ ବରଣ ଖୁଣ୍ଟିଆ, ଡ. ଅଶୋକ ମଙ୍ଗରାଜ, ଡ. ପ୍ରଶାନ୍ତ କୁମାର ପରିଡା, ଅଶୋକ କୁମାର ଦାଶ, ଡ. ନମିତା କୁମାରୀ ଦାସ, ଦିଲୀପ କୁମାର ନାୟକ ଓ ଡ. ରଜନୀକାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ସଂଯୋଜକ ଡ. ବ୍ରଜନାରାୟଣ ପାତ୍ର ଏବଂ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଯୋଗ ଦେଇଥିଲେ। ଜିଲା କାର୍ଯ୍ୟକ୍ରମ ସଂଯୋଜକ ଡ. ଦେବରାଜ ପରିଡା ଓ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ. ଶୁଭସ୍ମିତା ଖୁଣ୍ଟିଆ ପରିଚାଳନା କରିଥିଲେ।



ଜାତୀୟ ସେବା ଯୋଜନା ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ଶିବିରାର୍ଥୀମାନେ।

## ‘ଶକ୍ତିର ସୃଷ୍ଟି ନାହିଁ କି ବିନାଶ ନାହିଁ’

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀଗୃହରେ ମଙ୍ଗଳବାର ନୂତନ ଇଣ୍ଟରାକ୍ଟିଭ୍ ପ୍ୟାନେଲ ସାହାଯ୍ୟରେ ନବଗଠିତ ଶକ୍ତି କ୍ଲବ ପକ୍ଷରୁ ବିଭିନ୍ନ ପ୍ରକାର ଶକ୍ତି ସଂରକ୍ଷଣ ସମ୍ପର୍କରେ ପ୍ରଥମ ସେମିନାର–୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଶଙ୍କର ଗୁରୁଙ୍ଗ୍ ଯୋଗଦେଇ କହିଲେ ଯେ, ଶକ୍ତିର ସୃଷ୍ଟି ନାହିଁ କି ତା'ର ବିନାଶ ନାହିଁ। ଏହା କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ ହୋଇଥାଏ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଶକ୍ତି ସଂରକ୍ଷଣ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ ଯୋଗଦେଇ ପ୍ରକୃତିର ସୁରକ୍ଷା ମାଧମରେ ଶକ୍ତିର ସୁରକ୍ଷା ହିଁ ଜୀବନ ରକ୍ଷାର ପ୍ରଥମ ସୋପାନ ବୋଲି ମତବ୍ୟକ୍ତ କରିଥିଲେ। କ୍ଲବ ଉପଦେଷ୍ଟା ତଥା ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ଆବାହକତ୍ୱରେ ଓ ସହକାରୀ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏବଂ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ସେମିନାର ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ପ୍ରିନସେସ୍ ପ୍ରତୀକ୍ଷା ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ରଙ୍କ ମାର୍ଗଦର୍ଶନରେ ପାୱାର ସେଭିଂ ବ୍ୟବହାରିକ ଉପକରଣ, ପାୟଲ ସାହୁ ଶିକ୍ଷୟିତ୍ରୀ ସୁନିତାବାଳା ସାହୁଙ୍କ ମାର୍ଗଦର୍ଶନରେ ପବନ ଶକ୍ତି, ଶୁଭସ୍ମିତା ସାହୁ ଶିକ୍ଷୟିତ୍ରୀ ସୁଜାତା ପଣ୍ଡାଙ୍କ ମାର୍ଗଦର୍ଶନରେ ସୌରଶକ୍ତି ଓ ସ୍ମିତାଶ୍ରୀ ଦେହୁରୀ ଶିକ୍ଷୟିତ୍ରୀ ସ୍ୱାଗତିକା ରଥଙ୍କ ମାର୍ଗଦର୍ଶନରେ ଭୂତାତୀୟ ଶକ୍ତି ଏବଂ ସ୍ୱୟଂ ଅଂଶୁ ଶୁଭଦର୍ଶିନୀ ଧଳ ମେଣ୍ଟର ଶିକ୍ଷୟିତ୍ରୀ କିରଣମୟୀ ମହାଳିକଙ୍କ ମାର୍ଗଦର୍ଶନରେ ଜଳଶକ୍ତି ବିଷୟବସ୍ତୁ ସମ୍ପର୍କିତ ପ୍ରକଳ୍ପ ଉପସ୍ଥାପନ କରିଥିଲେ।


ସେମିନାରରେ ଛାତ୍ରୀଛାତ୍ର ଓ ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ଦୁର୍ଘଟଣାରେ ଏମ୍ସିଏଲ୍ କର୍ମଚାରୀ ମୃତ

**ତାଳଚେର,୧୫।୩ (ନି.ପ୍ର.)**

ତାଳଚେରସ୍ଥିତ ଏମ୍ସିଏଲ୍ର ଭରତପୁର କୋଇଲା ଖଣିରେ ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗରେ କାର୍ଯ୍ୟ କରୁଥିବା ଖଣି କର୍ମଚାରୀ ଶିବାନନ୍ଦ ସାହୁ (୨୫)ଙ୍କ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପୂର୍ବାହ୍ନ ୧୦ଟାରେ ସେ କଣିହାଁ ଥାନା ତେଲିସିଙ୍ଗାସ୍ଥିତ ଘରକୁ ଫେରୁଥିବା ବେଳେ କଳମଛୁଇଁ ଛକସ୍ଥିତ ଦେଉଳଛକ ନିକଟରେ ଏକ ପାଣି ଟ୍ୟାଙ୍କରରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସରପଞ୍ଚ ଅନିଲ ପ୍ରଧାନ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସେଣ୍ଟ୍ରାଲ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ପହଞ୍ଚି ଟ୍ୟାଙ୍କରକୁ ଜବତ କରିବା ସହ ଘଟଣାର ଅନୁସନ୍ଧାନ ଚଳାଇଛି।

## ଆଇଆଇଏମ୍ସିରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ


ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ମଙ୍ଗଳବାର ଆନନ୍ଦବଜାର ପତ୍ରିକାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ସୁବିର ଘୋଷ କହିଲେ ଯେ, ଦେଶ ସ୍ୱାଧୀନତାର ଏକ ମୁଖ୍ୟ ଆୟୁଧ ଥିଲା ଖବରକାଗଜ। ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଆନ୍ଦୋଳନକୁ ଖବରକାଗଜ ହିଁ ପ୍ରଭାବିତ କରୁଥିଲା। ସେହି ସମୟରେ ଅନେକ ଖବରକାଗଜ ଏହିପରି ଜାତୀୟ ସେବା ଉଦ୍ଦେଶ୍ୟ ରଖି ଆରମ୍ଭ ହୋଇଥିଲା। ଏଥିମଧ୍ୟରୁ କେତୋଟି କିଛିବର୍ଷ ପରେ ବନ୍ଦ ହୋଇଯାଇଥିଲା। କାରଣ ଅନେକସମୟରେ ବ୍ରିଟିଶ ବିରୋଧୀ ସ୍ୱର ପାଇଁ ଖବରକାଗଜ ମାଲିକ ଓ ସମ୍ପାଦକଙ୍କୁ ଦଣ୍ଡ ଦିଆଯାଉଥିଲା। ଆନନ୍ଦବଜାର ପତ୍ରିକା ମୁଖ୍ୟତଃ ବ୍ରିଟିଶ ବିରୋଧୀ ଖବରକାଗଜ ଭାବେ ପରିଚିତ ହୋଇଥିଲା ବୋଲି ସେ କହିଥିଲେ। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ଓକିଲ ସଂଘ, ପୌର କାର୍ଯ୍ୟାଳୟ ବିଜୟୀ

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ସୋମବାରଠାରୁ ସ୍ଥାନୀୟ ବି.ବି. ହାଇସ୍କୁଲ ପଡିଆରେ ମ୍ୟୁନିସିପାଲିଟି କ୍ରିକେଟ୍ ଲିଗ୍ ୨୦୨୨ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଖେଳାଯାଇଥିବା ମ୍ୟାଚରେ ପୋଲିସ ଏକାଦଶ, ଜିଲା ପ୍ରଶାସନ ଏକାଦଶକୁ ହରାଇଥିଲା। ମଙ୍ଗଳବାର ସକାଳେ ଖେଳାଯାଇଥିବା ମ୍ୟାଚରେ ଜିଲା ଓକିଲସଂଘ, ଜିଲା ସାମ୍ବାଦିକ ଏକାଦଶକୁ ହରାଇଥିଲା। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ପୌରସଂସ୍ଥା କାର୍ଯ୍ୟାଳୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ପରାସ୍ତ କରିଥିଲା। ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ସମେତ ପୌରସଂସ୍ଥାର କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ।


ମ୍ୟୁନିସିପାଲିଟି ପକ୍ଷରୁ ଚାଲିଥିବା କ୍ରିକେଟ ମିଟ୍।

## ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସେଠୀ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି। ଚଳିତ ପୌର ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌର ନିର୍ବାଚନର ଆଚରଣବିଧି ସମ୍ପର୍କରେ ଜିଲାପାଳ ଉପସ୍ଥିତ ସମସ୍ତ ପ୍ରତିନିଧିଙ୍କୁ ଅବଗତ କରାଇବା ସହିତ ଏହାକୁ ମାନି ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର, ଶୋଭାଯାତ୍ରା ଓ ସଭା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପ୍ରଚାର, ଶୋଭାଯାତ୍ରା ଓ ସଭା ଆୟୋଜନରେ କୌଣସି ପ୍ରକାର ବିଶୃଙ୍ଖଳା ଆଚରଣ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି ଲୋଗାନୟାଗୀ ଦିବ୍ୟା ଭି କହିଥିଲେ। ନିର୍ବାଚନ ଅଧିକାରୀ ସ୍ନିଗ୍ଧାରାଣୀ ଧଳ କୋଭିଡ୍ କଟକଣା ମାନି ନିର୍ବାଚନକୁ ଶୃଙ୍ଖଳାର ସହ ସମାପନ କରିବାକୁ ଦଳୀୟ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ବିଜେଡିର ପ୍ରତିନିଧି ଦେବାଶିଷ ମିଶ୍ର, ଭାଜପାର ରାମଚନ୍ଦ୍ର ପାତ୍ର, କଂଗ୍ରେସର ପ୍ରେମ ଶଙ୍କର ମିଶ୍ର ଏବଂ ଏଏପି ପ୍ରତିନିଧି ପ୍ରଭାତ କୁମାର ବେହେରା ଯୋଗଦେଇଥିଲେ। ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମହାପାତ୍ର, ତହସିଲଦାର ଝସକେତନ ନାୟକ ଓ ଭୁବନ ତହସିଲଦାର ରୋଜାଲିନ ବେହେରା ଉପସ୍ଥିତ ଥିଲେ।


ପୌର ନିର୍ବାଚନକୁ ନେଇ ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକ।

## କ୍ରୀଡ଼ା ମଣିଷକୁ ସୁସ୍ଥ ରଖିଥାଏ

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ ସହଯୋଗରେ ସୋମବାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିହର ସାହୁ ଉଦ୍ଘାଟନ କରି କ୍ରୀଡ଼ା ମଣିଷକୁ ସୁସ୍ଥ ଓ ଶୃଙ୍ଖଳିତ କରିଥାଏ ବୋଲି କହିବା ସହ ଛାତ୍ରୀଛାତ୍ରମାନଙ୍କୁ ଶପଥପାଠ କରାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିମଳ କିଶୋର ବିହାରୀ, ବିଜୟ କୁମାର ବରାଳ, ଅଜିତ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଷଡଙ୍ଗୀ ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା।

## ଆଜି କ'ଣ କେଉଁଠି

**ବନ୍ତଲା**

- ସର୍ଦ୍ଦାର ରାଧାକୃଷ୍ଣ ମେଳଣ ଯାତ୍ରା ଉପଲକ୍ଷେ ଦଣ୍ଡନୃତ୍ୟ ପ୍ରତିଯୋଗିତା। ସ୍ଥାନ– ସାହାରାଗୁଡ଼ା। ସମୟ– ରାତି ୯ଟା

## ମଦ ଜବତ, ଜଣେ ଗିରଫ

**ବଇଣ୍ଡା,୧୫।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ମଙ୍ଗଳବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚଗଲି ଗୋଛାୟତଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡନାୟକ ଚଢ଼ାଉ କରି ମଦ ଜବତ କରିଥିଲେ। ଏଥିସହ ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ମୋ ସ୍କୁଲ ଅଭିଯାନ କମିଟି ବୈଠକ

**ବଇଣ୍ଡା,୧୫।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅର୍ଜୁନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚାତମ୍ବା, ରମାକାନ୍ତ ବେହେରା, ଚିନ୍ତାମଣି ସାହୁ, ଲକ୍ଷ୍ମୀଧର ବେହେରା, ଜିତେନ୍ଦ୍ର କୁମାର ସାହୁ, ଜଳଧର ସାହୁ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନ କମିଟିକୁ ଆସିଥିବା ଅର୍ଥକୁ କିଭଳି ବିନିଯୋଗ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୫।୩(ଡି.ଏନ.ଏ.):** ଆଠମଲ୍ଲିକ ଥାନା ତାଳଭିଜପୁର ଗ୍ରାମର ଦଶରଥ ଭୋଇଙ୍କୁ ସେହି ଗ୍ରାମର ସରୋଜ ପ୍ରଧାନ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୬୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଦଶରଥ ଛେଳିପଲ ଘରେ ପୂରାଉଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

## ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଲା

ଢେଙ୍କାନାଳ ଅଫିସ,୧୫।୩- ଢେଙ୍କାନାଳ ସହର ଜବାହାରଚୌକଠାରେ ଏକ ଦୋକାନ ଘର ନିର୍ମାଣ କାର୍ଯ୍ୟ ବେଳେ ସୋମବାର କାନ୍ଥ ଭୁଶୁଡି ଜଣଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ତାଙ୍କ ପରିଚୟ ମିଳିଛି। ମୃତକ ହେଲେ ରବି ପୃଷ୍ଟି ଏବଂ ତାଙ୍କ ଘର ସଦର ଥାନା କାଶିଆଡିହ ଗ୍ରାମ ବାଲିସାହି ଅଞ୍ଚଳରେ ବୋଲି ଟାଉନ ଥାନା ପୋଲିସ ସୂତ୍ରରୁ ଜଣାପଡିଛି।

## କୋଇଲା ଚୋରି ବେଳେ ଚଢ଼ାଉ

**ଅନୁଗୋଳ ଅଫିସ,୧୫।୩:** ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଷ୍ଟକୟାଡ୍ ପଏଣ୍ଟ ନଂ. ୨ରେ କୋଇଲା ଚୋରି କରୁଥିବାବେଳେ ପୋଲିସ ଚଢ଼ାଉ କରି ୩ଟି ଟ୍ରକ୍ ସମେତ ଗୋଟିଏ ଜେସିବି ମେଶିନ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ତେବେ ଘଟଣାସ୍ଥଳରୁ ପୋଲିସକୁ ଦେଖି କେତେଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ତାଳଚେର ଥାନାରେ ନଂ. ୧୭୭/୨୨ରେ ମାମଲା ରୁଜୁ ହୋଇଥିବା ଏସଆଇ କେଶବ ନାରାୟଣ ପଲାଇ କହିଛନ୍ତି।

## ୯ ଟନ୍ କୋଇଲା ଜବତ

**କଣିହାଁ,୧୫।୩(ଡି.ଏନ.ଏ):** କଣିହାଁ ବ୍ଲକ କନ୍ତମୁଣ୍ଡା ଗ୍ରାମ ଜୟପୁର ସାହିରେ ଏକ ବେଆଇନ କୋଇଲା ଡିପୋରୁ କୋଇଲା ଚୋରା ଚାଲାଣ ହେଉଥିବାବେଳେ ସୋମବାର ରାତିରେ କଣିହାଁ ପୋଲିସ ଚଢାଉ କରି ଏକ ହାଇୱା ଟ୍ରକ, ଜେସିବି ମେଶିନ ଏବଂ ୧୦ ଚକିଆ ଟ୍ରକ ଜବତ କରିଛି। ଏଥିସହିତ ୯ ଟନ୍‌ରୁ ଉର୍ଦ୍ଧ୍ୱ ଟନ୍ ଜବତ କରାଯାଇଛି। ଘଟଣାସ୍ଥଳରୁ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ନଂ. ୯/୨୨ରେ ଏକ ମାମଲା ରୁଜୁ ହୋଇଛି। ଖୁବଶିଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କଣିହାଁ ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

**କଣିହାଁ,୧୫।୩(ଡି.ଏନ.ଏ):** କଣିହାଁ ବ୍ଲକ ଜିରୋ ପଏଣ୍ଟରୁ କାକୁଡ଼ିଆକୁ ଯାଇଥିବା ପୂର୍ତ୍ତବିଭାଗ ରାସ୍ତାରେ ମଙ୍ଗଳବାର ଏକ ବାଇକ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ତାଳଚେର ବ୍ଲକ ଡଅଁରା ଗ୍ରାମର କାଳିଆ ନାୟକ(୨୯) ଗୁରୁତର ହୋଇଛନ୍ତି। ତାଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସର୍ବସାଧାରଣରେ ହୋଲି ଖେଳକୁ ବାରଣ

- ଆବଶ୍ୟକ ସ୍ଥଳେ ଲାଗିବ ୧୪୪ ଧାରା
- କୋଭିଡ୍ ସ୍ଥିତି, ଉନ୍ନୟନ କାର୍ଯ୍ୟ ସମୀକ୍ଷା
- ଡ୍ରପ୍‌ଆଉଟ୍ ପିଲାଙ୍କୁ ଚିହ୍ନଟ କରି ବିଦ୍ୟାଳୟକୁ ଅଣାଯିବ

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ଓସ୍ୱାନ ହଲ୍‌ରେ ସୋମବାର ଜିଲାର କୋଭିଡ୍ ସ୍ଥିତି ଓ ଉନ୍ନୟନମୂଳକ କାର୍ଯ୍ୟର ଜିଲାପାଳ ସରୋଜ କୁମାର ସେଠୀ ସମୀକ୍ଷା କରିଛନ୍ତି। କରୋନା ସଂକ୍ରମଣକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ନିମନ୍ତେ ଚଳିତବର୍ଷ ସର୍ବସାଧାରଣରେ ହୋଲି ଖେଳକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଜିଲାବାସୀ ନିଜ ଘରେ ପରିବାର ସହ ହୋଲି ଖେଳିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ୧୪୪ ଧାରା ଲାଗୁ କରିବାକୁ ଉପଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଡ୍ରପ୍ ଆଉଟ୍ ପିଲାମାନଙ୍କୁ ଚିହ୍ନଟ କରି ବିଦ୍ୟାଳୟକୁ ଆଣିବା ସହିତ ଅନ୍ୟ ପିଲାମାନଙ୍କୁ ପାଠ ପଢିବା ନିମନ୍ତେ ବିଦ୍ୟାଳୟରେ ନାମ ଲେଖାଇବା ବ୍ୟବସ୍ଥା କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟଜଳ, ପାଇଖାନା ଓ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା, ପିଲାମାନଙ୍କ ପୁଷ୍ଟିସାଧନ ଉପରେ ଅଧିକ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଖରାଦିନକୁ ଦୃଷ୍ଟିରେ ରଖି ପାଇପ୍ ଯୋଗେ ନିୟମିତ ପାନୀୟ ଜଳ ଯୋଗାଣ, ଅଚଳ ନଳକୂଅ ତୁରନ୍ତ ମରାମତି, ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ଚଳିତମାସ ସୁଦ୍ଧା ଶେଷ କରିବା, ଖଣିରୁ ବେଆଇନ ଖନନ, ଉତ୍ତୋଳନ ଏବଂ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ ବିଡିଓମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ କୋଭିଡ୍ ଟିକାକରଣ ଉପରେ ଅଧିକ ଧ୍ୟାନ ଦିଆଯାଉଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷଚନ୍ଦ୍ର ମହାପାତ୍ର ସୂଚନା ଦେଇଥିଲେ। ଶଶାଙ୍କ ଶେଖର ଦାଶ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ବିଦ୍ୟୁତ ବିଭାଗ ଜେଇ ବିସ୍ମୟ ରଞ୍ଜନ ଦାସ, ଓସଡମା ଡିପିଓ ନିମାଇଁ ଚରମ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗ, ୪ ଗିରଫ

**ଅନୁଗୋଳ ଅଫିସ,୧୫।୩**

ଇଟା ବୋଝେଇ ଗାଡ଼ି ଚୋରି ଅଭିଯୋଗରେ କୋଲିୟରୀ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ ବାଇକ୍ ସମେତ ଚୋରି ହୋଇଥିବା ଗାଡ଼ି ଜବତ କରାଯାଇଛି। ପୋଲିସ କହିଛି, କୁଇଲୋ ଦୁର୍ଗା ଇଟା କାରଖାନାରୁ ମାର୍ଚ୍ଚ ୧ ତାରିଖରେ ଏକ ଟ୍ରକ୍ ନେଇ ଡ୍ରାଇଭର ଲଳିତ ପ୍ରଧାନ ଏବଂ ହେଲପର ପ୍ରଦୀପ ବେହେରା ତାଳଚେର ଅଭିମୁଖେ ବାହାରିଥିଲେ। ତେବେ ବଳନ୍ଦା ଛକ ନିକଟରେ ୩ଜଣ ଦୁର୍ବୃତ୍ତ ଉକ୍ତ ଇଟା ବୋଝେଇ ଗାଡ଼ିକୁ ଅଟକାଇ ଡ୍ରାଇଭରଙ୍କୁ ଟଙ୍କା ମାଗିଥିଲେ। ଡ୍ରାଇଭର ମନାକରିବାରୁ ତାଙ୍କୁ ମାରଣାସ୍ତ୍ର ଦେଖାଇ ଉକ୍ତ ଇଟା ବୋଝେଇ ଗାଡ଼ିକୁ ଅପହରଣ କରି ନେଇଥିଲେ। ଏ ନେଇ ମ୍ୟାନେଜର ପପୁନ କୁମାର ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୯୩/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଇଟା ରଖିଥିବା ଦେଉଳବେଡାସାହିର ଜଣେ ଯୁବକଙ୍କୁ ଗିରଫ କରିଛି।

## ଜିଲାସ୍ତରୀୟ ନିଯୁକ୍ତି ମେଳା



ନିଯୁକ୍ତିମେଳାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

**ଖମାର,୧୫।୩(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର କଲେଜ ପଡିଆରେ ଜିଲା ନିଯୋଜନ କାର୍ଯ୍ୟାଳୟ, ଜିଲା ଖଣିଜ ପ୍ରତିଷ୍ଠାନର ମିଳିତ ଉଦ୍ୟମରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଜିଲା ନିଯୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଜିଲା ଖଣିଜ ପାଣ୍ଠି ବିଶାରଦ ଦୀପନ ଦିଗଲ ନିଯୁକ୍ତି ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରଧାନ ବର୍ତ୍ତମାନ ପରିସ୍ଥିତିରେ ଚାକିରୀ ଅନ୍ୱେଷଣରେ ଥିବା ଯୁବତୀଯୁବକମାନଙ୍କ ପାଇଁ କିଭଳି ନିଯୁକ୍ତି ମେଳା ଆୟୋଜନ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୩୭ ଜଣ ନିଜ ନାଁ ପଞ୍ଜୀକରଣ କରିଥିଲେ। ୧୩ ନିଯୁକ୍ତିଦାତା ଅନୁଷ୍ଠାନ ୧୭୯ ଜଣଙ୍କୁ ଓ ତାଲିମ ମାଧ୍ୟମରେ ନିଯୁକ୍ତି ଦେଉଥିବା ୧୦ ସଂସ୍ଥା ୨୯୯ ଜଣକୁ ଚୟନ କରିଥିଲେ।

## କଂଗ୍ରେସ ଭବନରେ ଚିନ୍ତନ ବୈଠକ



ବୈଠକରେ ଉପସ୍ଥିତ ନେତାମାନେ।

**ଅନୁଗୋଳ ଅଫିସ,୧୫।୩**

ଚଳିତ ପୌର ନିର୍ବାଚନ ପାଇଁ ଅନୁଗୋଳ କଂଗ୍ରେସ ଭବନ ଠାରେ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ଖୁଣ୍ଟିଆ, ପିସିସି ସାଧାରଣ ସମ୍ପାଦକ କିଶୋର ଜେନା, ମଦନ ଧଳ ଓ ପୂର୍ବ ଜିଲା ସଭାପତି ସଂଗ୍ରାମ କିଶୋରୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆସିଥିବା ସମସ୍ତ ୱାର୍ଡର କଉନସିଲର ପ୍ରାର୍ଥୀ କିପରି ଭାବେ ପ୍ରଚାର କରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଚିନ୍ତନ ବୈଠକରେ ଅନୁଗୋଳ ନଗରପାଳ ପ୍ରାର୍ଥୀ ବାଲବୀର ସିଂ, ଜିତେନ୍ଦ୍ର ସାହୁ, ସୁଦୀପ ମିଶ୍ର, ବିମଳ ବେହେରା, ପ୍ରବୋଧ ସ୍ୱାଇଁ, ପ୍ରଫୁଲ୍ଲ ଦାସ, ସଞ୍ଜୀବ ମାଣ୍ଡୋଠିଆ, ବିନୋଦ ମାଝି, ରାକେଶ ମିଶ୍ର, ଲୁଲୁ ପାଣିଗ୍ରାହୀ, ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ମହିଳା କଂଗ୍ରେସ ସଭାପତି ତପସ୍ୱିନୀ ବିଶ୍ୱାଳ, ଦିଗାମ୍ବର ଗଡ଼ନାୟକ, ପ୍ରଦ୍ୟୁମ୍ନ ସାହୁ, ହାଡ଼ିବନ୍ଧୁ ବିଶ୍ୱାଳ, ତପନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଣିହାଁ ଏନ୍‌ଟିପିସିକୁ ସୁରକ୍ଷା ପୁରସ୍କାର

**କଣିହାଁ,୧୫।୩(ଡି.ଏନ.ଏ)**

କର୍ମଚାରୀ, କର୍ମକ୍ଷେତ୍ରକୁ ସୁସ୍ଥ ଏବଂ ନିରାପଦ ରଖିବା ପାଇଁ କଣିହାଁ ଏନ୍‌ଟିପିସିକୁ ବ୍ରିଟିଶ ସୁରକ୍ଷା ପରିଷଦ ତରଫରୁ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏହି ପୁରସ୍କାର ଜିତିବାରେ କଣିହାଁ ଏନ୍‌ଟିପିସି ୧୩୫ ସଙ୍ଗଠନ ମଧ୍ୟରୁ ଗୋଟିଏ। ଅନ୍ତର୍ଜାତୀୟ ନିରାପତ୍ତା ପୁରସ୍କାର ସମଗ୍ର ବିଶ୍ୱରୁ ସଙ୍ଗଠନଗୁଡିକୁ ସ୍ୱିକୃତୀ ପ୍ରଦାନ କରିଥାଏ। ବ୍ରିଟିଶ ସୁରକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ ରବିନସନ କଣିହାଁ ଏନ୍‌ଟିପିସିର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବ୍ରିଟିଶ ସୁରକ୍ଷା ପରିଷଦ ଏନ୍‌ଟିପିସି ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନକୁ ପ୍ରଶଂସା କରିଛି।

# କମରେଇ ଜଙ୍ଗଲ ଜଳୁଛି

**ବଇଣ୍ଡା,୧୫।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଧୀନରେ ଥିବା କମରେଇ ଜଙ୍ଗଲ ୨ ଦିନ ହେବ ଜଳୁଛି। ବନ ବିଭାଗ ପକ୍ଷରୁ ନିଆଁ ଲିଭାଯାଉ ନ ଥିବା ଯୋଗୁ ବନ୍ୟଜନ୍ତୁ ଗାଁ ମୁହାଁ ହୋଇଛନ୍ତି। ଗ୍ରାମବାସୀ କହିଛନ୍ତି, ଏହି ଜଙ୍ଗଲରେ ବହୁ ମହୁଲ ଗଛ ରହିଛି। ଏବେ ମହୁଲ ଫୁଲ ପଡୁଥିବା ଯୋଗୁ ଗାଇଚରାଳିମାନେ ତାହା ସଂଗ୍ରହ କରିବାକୁ ଶୁଖିଲା ପତ୍ରଗୁଡିକରେ ନିଆଁ ଲଗାଇଦେଉଛନ୍ତି। ନିଆଁ ଯୋଗୁ ଜଙ୍ଗଲ ଜଳିବା ସହ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଛି। ଏବେ ଜଙ୍ଗଲ ଜଳୁଥିବାରୁ କମରେଇ, ପାଗବନ୍ଧା, ରାଣୀଭୂଇଁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ନିଆଁ ଆୟତ୍ତ କରିବା ପାଇଁ ଗ୍ରାମବାସୀ ହଣ୍ଡପା ରେଞ୍ଜ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଜଙ୍ଗଲ ନିଆଁକୁ ଆୟତ୍ତ କରା ନ ଗଲେ ଆଗାମୀ ଦିନରେ ଜଙ୍ଗଲ ଧ୍ୱଂସ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ହଣ୍ଡପା ରେଞ୍ଜର ସରୋଜ କୁମାର ଦାସ କହିଛନ୍ତି, ନିଆଁ ଆୟତ୍ତ କରିବା ପାଇଁ ବନ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ।



ଅନୁଗୋଳ ଜିଲା କମରେଇ ଜଙ୍ଗଲରେ ନିଆଁ ଲାଗିଥିବା ଯୋଗୁ ଗଛଗୁଡ଼ିକ ଜଳୁଛି।

## ବଡ଼ଗୁଣ୍ଡୁରୀ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



**କଣିହାଁ,୧୫।୩(ଡି.ଏନ.ଏ)**

କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ସରପଞ୍ଚ ଭାବେ ସସ୍ମିତା ଦଳେଇ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସମର୍ଥିତ ୱାର୍ଡ ମେମ୍ବର, ନାଏବ ସରପଞ୍ଚ ସତ୍ୟାନନ୍ଦ ପ୍ରଧାନ, ସମିତିସଭ୍ୟା ଦିପ୍ତିରଣା ସେଠୀ ଜଗନ୍ନାଥ ମନ୍ଦିର ଦର୍ଶନ କରି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଜନସାଧାରଣଙ୍କ ସୁଖଦୁଃଖରେ ସାଥି ହୋଇ ପଞ୍ଚାୟତ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ସରପଞ୍ଚ ସସ୍ମିତା ଦଳେଇ ସୂଚନା ଦେଇଛନ୍ତି।

## ତାଲିମ ଶିବିର ଉଦ୍‌ଘାଟିତ

**ମାଧପୁର,୧୫।୩**

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳର ମନଯୋର ୱାଚ ଟାୱାର ବଙ୍ଗଳାଠାରେ ମଙ୍ଗଳବାର ବନ ସୁରକ୍ଷା ସମିତିର ମୁଖ୍ୟ ଭାଗୀଦାରିମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତିନିଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଲିଙ୍ଗରାଜ ବେହେରା, ବନ ସଂଯୋଜକ ଅମରେଶ ପ୍ରସାଦ ଦାସ, ଦେବାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ବନ ସୁରକ୍ଷା ସମିତିର ସଦସ୍ୟମାନଙ୍କୁ ପାଣ୍ଠି ପରିଚାଳନା ନିମନ୍ତେ ତାଲିମ ଦେଇଥିଲେ। ମାଧପୁର ବନାଞ୍ଚଳର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ତାଲିମ ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଆଚରଣ ବିଧି ସମ୍ପର୍କରେ ଆଲୋଚନା

**ଅନୁଗୋଳ ଅଫିସ,୧୫।୩**



ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଅନ୍ୟମାନେ।

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ପୌର ନିର୍ବାଚନ ଆଚରଣ ବିଧି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ପୋସାଲ୍ ଜେନେରାଲ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ସ୍ୱାଇଁ, ପୌର ନିର୍ବାଚନ ଅଧିକାରୀ ତଥା ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜାଶଙ୍କର ମଲ୍ଲିକ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂଙ୍କ ସହ ବିଭିନ୍ନ ରାଜନୈତିକ ଦଳର ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପୌର ନିର୍ବାଚନରେ ବ୍ୟୟ ବରାଦ ସମ୍ପର୍କରେ ପର୍ଯ୍ୟବେକ୍ଷକ ଅବଗତ କରିଥିଲେ। ପୌରାଧକ୍ଷ ପାଇଁ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ୨ ଲକ୍ଷ ଟଙ୍କା ଓ ୪ଟି ଗାଡ଼ି ବ୍ୟବହାର କରିପାରିବେ ବୋଲି ଅବଗତ କରାଯାଇଥିଲା। ସେହିଭଳି କାଉନସିଲର ପଦବୀରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ସର୍ବାଧିକ ୫୦ ହଜାର ଟଙ୍କା ଓ ୨ଟି ଗାଡ଼ି ନିର୍ବାଚନରେ ବ୍ୟବହାର କରିବାକୁ କୁହାଯାଇଥିଲା। ଏଥିସହିତ ପ୍ରତି ୱାର୍ଡରେ ଥିବା ଭୋଟରମାନେ କିଭଳି ମତଦାନରେ ଅଂଶଗ୍ରହଣ କରିବେ ସେ ନେଇ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଛି। ନିର୍ବାଚନ ପରେ ଷ୍ଟ୍ରଙ୍ଗରୁମ ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବ ବୋଲି ମଧ୍ୟ ବୈଠକରେ ରାଜନୈତିକ ଦଳର କର୍ମୀମାନଙ୍କୁ ଅବଗତ କରାଯାଇଥିଲା।

## ଲୁଟ୍ ଅଭିଯୋଗରେ ୨ ଗିରଫ

**ଅନୁଗୋଳ ଅଫିସ,୧୫।୩**

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ୍ ଥାନା ପୋଲିସ ଲୁଟ୍ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ବାଇକ ଜବତ କରାଯାଇଛି। ଅନ୍ୟ ୨ ଯୁବକ ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, ବିଜୟ କୁମାର ସାମଲ ରେଙ୍ଗାଳି ଏସ୍‌ବିଆଇ ଶାଖାରୁ ଗତ ୧୦ ତାରିଖରେ ୩ ଲକ୍ଷ ୫ ହଜାର ଟଙ୍କା ଉଠାଣ କରିଥିଲେ। ୫ ହଜାର ଟଙ୍କା ପ୍ୟାଣ୍ଟ ପକେଟରେ ରଖିଥିଲେ। ବାକି ୩ ଲକ୍ଷ ଟଙ୍କା ବାଇକ୍ ହାଣ୍ଡେଲରେ ଏକ ଧଳା ବ୍ୟାଗରେ ଓହଳାଇ ଘରକୁ ଫେରୁଥିଲେ। ରେଙ୍ଗାଳି ବଜାର ନିକଟରେ ଥିବା ଏକ କ୍ଲଥ୍ ଷ୍ଟୋର ପାଖରେ ବାଇକ୍ ରଖି ବିଜୟ ତାଙ୍କ ସାଙ୍ଗଙ୍କୁ ଦେଖା କରିବାକୁ ଯାଇଥିଲେ। ସେହି ସମୟରେ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ଟଙ୍କା ବ୍ୟାଗକୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବିଜୟ ଅଭିଯୋଗ କରିବା ପରେ ପୋଲିସ ନଂ. ୪୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ମାଳତି ଚୌଧୁରୀଙ୍କ ସ୍ମୃତିଚାରଣ

**ଅନୁଗୋଳ ଅଫିସ,୧୫।୩**

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟୀର ମଧ୍ୟରେ ବିପ୍ଳବିନୀ ମାଳତି ଚୌଧୁରୀ ଏବଂ ମହାନ୍ ଗାନ୍ଧୀ କଥାକାର ନାରାୟଣ ଦେଶାଇଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିପିୟୁଟି ପୂର୍ବତନ କୁଳପତି ଡ. ଓମ୍‌କାର ନାଥ ମହାନ୍ତି ମୁଖ୍ୟ ଅତିଥି, ଐତିହାସିକ ଡ. ନିବେଦିତା ମହାନ୍ତି, ପ୍ରଫେସର ଡ. ବୀରେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାଳତି ଚୌଧୁରୀ ଓ ନାରାୟଣ ଦେଶାଇଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରାବାସ ପୁରାତନ ଛାତ୍ର ସନ୍ତୋଷ ଭୋଇଙ୍କ କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମିନତି ବିଶ୍ୱାଳ ଏହାର ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଚୈତନ୍ୟ ସାହୁ, ଲିପିକା ମହାପାତ୍ର, ଡ. ଇନ୍ଦିରା ଦାଶ, ଶୈଳଜ ରବି, ଡ. ବିଶ୍ୱଜିତ, ଆନନ୍ଦ ଚନ୍ଦ୍ର ମହାପାତ୍ର, ଡ. କୁଳମଣି ନାୟକ, ଶିବରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆରଡି କଲୋନୀରେ ନବ–ମାଳତୀ ଚୌଧୁରୀ ସ୍ମୃତି କମିଟି ପକ୍ଷରୁ ମାଳତି ଦେବୀଙ୍କ ୨୪ ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି, କ୍ଷୀରୋଦ ଚନ୍ଦ୍ର ଦେହୁରୀ, ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ପୂର୍ବତନ ଶ୍ରମ ଅଧିକାରୀ ଲକ୍ଷ୍ମଣ ନାୟକ, ପର୍ଶୁରାମ ଦାଶ, ବିଦ୍ୟାଧର ନାୟକ, ସ୍ମୃତି କମିଟି ଆବାହକ ଅଦ୍ୟାଶ୍ଳୋକ ମିଶ୍ର, ବିଭୂତି କିଷାନ, ଛୋଟରାୟ ମାଝି, ସୁନ୍ଦର ମୋହନ ହାଁସଦା, ସଂଗ୍ରାମ ପିଙ୍ଗୁଆ ଓ ପର୍ଶୁରାମ ଦାସ ଯୋଗ ଦେଇଥିଲେ।



ଅତିଥିମାନେ କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

